## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୮୯.୮୮ • ପାଉଣ୍ଡ ୧୨୧.୦୦
- ୟୁରୋ ୧୦୫.୫୨ • ୟେନ୍ ୦.୫୭

## ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)

- ସୁନା: ୧,୨୩,୭୯୦ (ଭୁବନେଶ୍ୱର)
- ରୁପା : ୨,୩୮,୯୦୦ (କେଜି)



## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)

- ସେନ୍‌ସେକ୍ସ ୮୫,୨୨୦.୦୦
- ନିଫ୍ଟି ୨୬,୧୯.୦୦



## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



## ନୂଆବର୍ଷରେ ବଢ଼ିଲା ଅନ୍‌ଲାଇନ୍ ଖାଦ୍ୟ ଚାହିଦା

# ପ୍ରତି ମିନିଟ୍‌ରେ ୧୩୩୬ ବିରିୟାନୀ ଅର୍ଡର

**ନୂଆଦିଲ୍ଲୀ,୧।୧(ଏଜେନ୍ସି):** ନୂତନ ବର୍ଷ ଅର୍ଥାତ୍ ୨୦୨୬ ବର୍ଷ ଆରମ୍ଭ ହୋଇସାରିଛି। ନବ ବର୍ଷକୁ ପାଳନ କରିବା ପାଇଁ ଏହାର ଗୋଟିଏ ଦିନ ପୂର୍ବରୁ ଭାରତୀୟ ସହରଗୁଡ଼ିକରେ ଖାଦ୍ୟ ଅର୍ଡର ଆରମ୍ଭ ହୋଇଯାଇଥିଲା। ଡିସେମ୍ବର ୩୧ରେ ବିଶେଷକରି ବିରିୟାନୀ, ପିଜା ଏବଂ ବର୍ଗର ଚାହିଦା ବୃଦ୍ଧି ପାଇଥିଲା। ସ୍ୱିଗି ରିପୋର୍ଟ ଅନୁଯାୟୀ, ବଡ଼ ସହର ଏବଂ ଛୋଟ ସହର ଉଭୟର ଲୋକମାନେ ନୂତନ ବର୍ଷ ପାଳନ କରିବା ପାଇଁ ସେମାନଙ୍କର ପ୍ରିୟ ଆରାମଦାୟକ ଖାଦ୍ୟ ଅର୍ଡର କରିଥିଲେ। ଏଥିରେ ପ୍ରତି ମିନିଟ୍‌ରେ ୧,୩୩୬ ବିରିୟାନି ଅର୍ଡର ଆସିଥିଲା। ଏଥିରେ ସବୁଠାରୁ କୌତୂହଳର ବିଷୟ ହେଉଛି ଯେ, ଭୁବନେଶ୍ୱରର ଜଣେ ଗ୍ରାହକ କେବଳ ୧୬ କିଲୋ ବିରିୟାନୀ ଅର୍ଡର କରିଥିଲେ।

ରିପୋର୍ଟରେ କୁହାଯାଇଛି ଯେ ଛୋଟ ସହରଗୁଡ଼ିକରେ ନୂତନ ବର୍ଷ ପାଳନ ଶୀଘ୍ର ଆରମ୍ଭ ହୋଇଥିଲା। ପାଟନା, ସୁରତ, ଭଦୋଦରା, ନାଗପୁର, ଜୟପୁର, ପୁଣେ ଏବଂ ଇନ୍ଦୋର ଭଳି ସହରରେ, ଡିସେମ୍ବର ୩୧ ସନ୍ଧ୍ୟାରୁ ଅର୍ଡର ଆସିବା ଆରମ୍ଭ ହୋଇଥିଲା। ପ୍ରାରମ୍ଭିକ ଘଣ୍ଟାରେ କେକ୍, ପିଜା ଏବଂ ବିରିୟାନି ସବୁଠାରୁ ଟ୍ରେଣ୍ଡିଂ ଆଇଟମ୍ ଥିଲା। ଲୋକଙ୍କ ନବ ବର୍ଷ ପାଳନ ଉତ୍ସାହରୁ ଜଣାପଡିଛି ଯେ, ବିରିୟାନି ପୁଣି ଥରେ ନିଜକୁ ଭାରତର ପ୍ରିୟ ପାର୍ଟି ଖାଦ୍ୟ ବୋଲି ପ୍ରମାଣିତ କରିଛି। ଗତକାଲି ସନ୍ଧ୍ୟା ୭:୩୦ ପୂର୍ବରୁ ୨,୧୮,୯୯୩ ବିରିୟାନୀ ଅର୍ଡର ଦିଆଯାଇଥିଲା। ରାତି ୮ଟା ପୂର୍ବରୁ ପ୍ରତି ମିନିଟ୍‌ରେ ୧,୩୩୬ ବିରିୟାନି ଅର୍ଡର ଦିଆଯାଉଥିଲା, ଯାହା ଏକ ରେକର୍ଡ। ଏହି ଉତ୍ସବର ଅନୁମାନ ଏହି କଥାରୁ କରାଯାଇପାରେ ଯେ ଭୁବନେଶ୍ୱରର ଜଣେ ଗ୍ରାହକ କେବଳ ୧୬ କିଲୋ ବିରିୟାନୀ ଅର୍ଡର କରିଥିଲେ।

ବୁଧବାର ସନ୍ଧ୍ୟା ସାରା ପିଜା ଏବଂ ବର୍ଗର ମଧ୍ୟରେ ଏକ ଭୟଙ୍କର ଅର୍ଡର ପ୍ରତିଯୋଗିତା ଆରମ୍ଭ ହୋଇଯାଇଥିଲା। ରାତି ୮ଟା୩୦ ସୁଦ୍ଧା ୨,୧୮,୦୦୦ ରୁ ଅଧିକ ପିଜା ଡେଲିଭରି କରାଯାଇଥିଲା, ଯେତେବେଳେ କି ୨,୧୬,୦୦୦ ରୁ ଅଧିକ ବର୍ଗର ଅର୍ଡର କରାଯାଇଥିଲା। ଏହା ଦର୍ଶାଉଛି ଯେ ସାରା



ଦେଶ ଲୋକଙ୍କ ଖାଦ୍ୟ ପସନ୍ଦ କେତେ ବିବିଧ। କିଛି ଲୋକଙ୍କ ଅର୍ଡର ବହୁତ ଅନନ୍ୟ ଥିଲା। ବେଙ୍ଗାଲୁରୁର ଜଣେ ଗ୍ରାହକ ଏକାଥରେ ୧୦୦ ବର୍ଗର ଅର୍ଡର କରିଥିଲେ। ଗୁରୁଗ୍ରାମର ଜଣେ ଗ୍ରାହକ ୧୮ ବାକ୍ସ ପ୍ରତ୍ୟେକ ବ୍ରାଉନି ଏବଂ ପ୍ଲମ୍ କେକ୍ ଅର୍ଡର କରିଥିଲେ।

### ଭୁବନେଶ୍ୱରର ଜଣେ ଗ୍ରାହକ ନେଲେ ୧୬ କିଲୋର ବିରିୟାନୀ

### ପିଜା-ବର୍ଗର ଅର୍ଡର ପ୍ରତିଯୋଗିତା

ନାଗପୁରର ଜଣେ ଉପଭୋକ୍ତା ଦିନସାରା ୯୩ରୁ ଅଧିକ ଅର୍ଡର ଦେଇଥିଲେ, ଯେତେବେଳେ ସୁରଟର ଜଣେ ଗ୍ରାହକ କେବଳ ଡିସେମ୍ବର ୩୧ରେ ୨୨ଟି ଭିନ୍ନ ରେଷ୍ଟୋରାଁରୁ ଅର୍ଡର କରିଥିଲେ।

ରାତି ବଢ଼ିବା ସହିତ, ଭାରତୀୟ ମିଠାର କ୍ରେଜ୍ ବଢ଼ିବାକୁ ଲାଗିଲା। ରାତି ୧୦ଟା ୩୦ରେ ସର୍ବାଧିକ ଅର୍ଡର ହୋଇଥିବା ୫ଟି ମିଠା ମଧ୍ୟରେ ରସ ମଲାଇ, ଗାଜର କା ହାଲୱା ଏବଂ ଗୁଲାବ ଜାମୁନ୍ ଅନ୍ତର୍ଭୁକ୍ତ ଥିଲା। ହେଲେ ୨୦୨୬ ଆରମ୍ଭ କରିବା ପାଇଁ ପିଜା ସବୁଠାରୁ ଲୋକପ୍ରିୟ ପସନ୍ଦ ଖାଦ୍ୟ ଭାବରେ ଉଭା ହୋଇଥିଲା। ଏସବୁବାଦ୍ ଏହି ସମୟରେ ଅନେକ ଲୋକ ବାହାରେ ଖାଇବାକୁ ପସନ୍ଦ କରିଥିଲେ। ବେଙ୍ଗାଲୁରୁ ଏବଂ ହାଇଦ୍ରାବାଦରେ ସ୍ୱିଗି ଡାଇନ୍‌ଆଉଟରେ ସର୍ବାଧିକ ବୁକିଂ ହୋଇଥିଲା। ଛୋଟ ସହରଗୁଡ଼ିକରେ ମଧ୍ୟ ଚାହିଦା ବୃଦ୍ଧି ପାଇଥିଲା। ଅହମ୍ମଦାବାଦରେ ବୁକିଂରେ ସର୍ବାଧିକ ୧.୬ ଗୁଣ ବୃଦ୍ଧି ହୋଇଥିଲା, ତା'ପରେ ଲକ୍ଷ୍ନୌ (୧.୩ ଗୁଣ) ଏବଂ ଜୟପୁର (୧.୨ ଗୁଣ)। ଭଦୋଦରା ଏବଂ ଚଣ୍ଡିଗଡ଼ରେ ବଡ଼ ଗ୍ରୁପ ଉତ୍ସବ ହୋଇଥିଲା, ପ୍ରତ୍ୟେକ ସହରରେ ୩୨୦ ଜଣ ପର୍ଯ୍ୟନ୍ତ ପାର୍ଟି ପାଇଁ ବୁକିଂ ହୋଇଥିଲା।

---

ନୂଆ ବର୍ଷରୁ ନୂଆ ନିୟମ

# ବାଣିଜ୍ୟିକ ଗ୍ୟାସ୍ ସିଲିଣ୍ଡର ୧୧୧ ଟଙ୍କା ମହଙ୍ଗା

**ନୂଆଦିଲ୍ଲୀ,୧।୧(ଏଜେନ୍ସି):** ନୂତନ ବର୍ଷ ଆରମ୍ଭରେ କେନ୍ଦ୍ର ସରକାର କେତେକ ନୂତନ ନିୟମ ଲାଗୁ କରିଛନ୍ତି, ଯାହାର ସାଧାରଣ ଲୋକଙ୍କ ଦୈନନ୍ଦିନ ଚଳଣିକୁ ସିଧାସଳଖ ପ୍ରଭାବିତ କରିବ। ଏହି ପରିବର୍ତ୍ତନଗୁଡ଼ିକ ଜାନୁଆରୀ ପହିଲା ଅର୍ଥାତ୍ ଗୁରୁବାରଠାରୁ କାର୍ଯ୍ୟକାରୀ ହୋଇଛି। ଆମର ଦୈନନ୍ଦିନ ଖର୍ଚ୍ଚ, ଯାତ୍ରା ଏବଂ ଆର୍ଥିକ ନିଷ୍ପତ୍ତିକୁ ସିଧାସଳଖ ପ୍ରଭାବିତ କରିବ। ଏହି ମାସରେ ମୋଟ ୬ଟି ପ୍ରମୁଖ ନିଷ୍ପତ୍ତି ନିଆଯିବା ପାଇଁ ସ୍ଥିର କରାଯାଇଛି, ଯାହା ସାଧାରଣ ଲୋକଙ୍କ ପକେଟ, କିଣାବଟା ଏବଂ ଯାତ୍ରାକୁ ପ୍ରଭାବିତ କରିବ। ପ୍ରଥମତଃ, ବାଣିଜ୍ୟିକ ଗ୍ୟାସ ସିଲିଣ୍ଡରର ମୂଲ୍ୟ ୧୧୧ ବୃଦ୍ଧି ପାଇଛି, ଯାହା ରେଷ୍ଟୋରାଁ ଏବଂ ହୋଟେଲ ଖାଇବା ମହଙ୍ଗା କରିବ। ଏହାସହିତ ଆଉ କେତେକ ବଡ଼ ପରିବର୍ତ୍ତନ ଘଟିଛି, ଯେଉଁଥିରେ କାର୍ ମୂଲ୍ୟରେ ୨-୩% ବୃଦ୍ଧି ଅନ୍ତର୍ଭୁକ୍ତ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ହେଉଛି କେନ୍ଦ୍ର ସରକାରଙ୍କ ୮ମ ବେତନ ଆୟୋଗ , ଯାହା କର୍ମଚାରୀଙ୍କ ଦରମା ଏବଂ ଭତ୍ତା ବୃଦ୍ଧି କରିପାରେ।

### ବାଣିଜ୍ୟିକ ଗ୍ୟାସ୍ ସିଲିଣ୍ଡର ମହଙ୍ଗା

ଗୁରୁବାରଠାରୁ ୧୯ କିଲୋଗ୍ରାମର ବାଣିଜ୍ୟିକ ଗ୍ୟାସ ସିଲିଣ୍ଡରର ମୂଲ୍ୟ ୧୧୧ ଟଙ୍କା ବୃଦ୍ଧି ପାଇଛି। ଦିଲ୍ଲୀରେ ଏହାର ମୂଲ୍ୟ ୧୬୯୧.୫୦ ଟଙ୍କା ହୋଇଛି, ଯାହା ପୂର୍ବରୁ ୧୫୮୦.୫୦ ଟଙ୍କା ରହିଥିଲା।

### ପାନ୍ କାର୍ଡ ନିଷ୍କ୍ରିୟ

ଯେଉଁ ନାଗରିକମାନେ ଡିସେମ୍ବର ୩୧ ସୁଦ୍ଧା ସେମାନଙ୍କର ପ୍ୟାନ୍ ଆଧାର ସହିତ ଲିଙ୍କ୍ କରିନାହାଁନ୍ତି ସେମାନଙ୍କର ପ୍ୟାନ୍ କାର୍ଡ ଆଜିଠାରୁ ନିଷ୍କ୍ରିୟ ହୋଇଯିବ। ଆପଣ ଆଉ ଏକ ନୂତନ



ବ୍ୟାଙ୍କ ଆକାଉଣ୍ଟ ଖୋଲିପାରିବେ ନାହିଁ, ଡିମାଟ୍ ଆକାଉଣ୍ଟ ପରିଚାଳନା କରିପାରିବେ ନାହିଁ, କିମ୍ବା ବିଚାରାଧୀନ ଟିକସ ଫେରସ୍ତ ପାଇପାରିବେନାହିଁ।

### କାର ମୂଲ୍ୟ ବଢ଼ିଲା

ନୂଆବର୍ଷରୁ ଅନେକ କାର କମ୍ପାନୀ ମୂଲ୍ୟ ବୃଦ୍ଧି କରିଛନ୍ତି। ଏଥିରେ ହ୍ୟୁଣ୍ଡାଇ, ଏମ୍‌ଜି, ନିସାନ, ରେନୋ ଏବଂ ହୋଣ୍ଡା ଭଳି କାର ଅନ୍ତର୍ଭୁକ୍ତ। ଅଧିକାଂଶ କାରର ମୂଲ୍ୟ ୨-୩% ବୃଦ୍ଧି ପାଇଛି। ମର୍ସିଡିଜ୍-ବେଞ୍ଜ (ସି-କ୍ଲାସ୍, ଇ-କ୍ଲାସ୍, ଜିଏଲ୍‌ସି)ରେ ୨%, ନିସାନ (ମ୍ୟାଗନାଇଟ୍)ରେ ୩%, ଏମ୍‌ଜି ମୋଟର (ହ୍ୟାକର, ଆଷ୍ଟର, ଜେଡ୍‌ଏସ୍ ଇଭି) ରେ ୨% ପର୍ଯ୍ୟନ୍ତ, ହ୍ୟୁଣ୍ଡାଇ ଇଣ୍ଡିଆ (କ୍ରେଟା, ଭେନ୍ୟୁ, ଭର୍ଣ୍ଣା, ଆଇ ୨୦,) ୦.୬% ବୃଦ୍ଧି ହୋଇଛି।

### ରେଳ ଟିକଟ ରିଜର୍ଭେସନ୍ ପାଇଁ ଆଧାର

ଜାନୁଆରୀ ୧୨ରୁ ଯାତ୍ରୀମାନେ ସେମାନଙ୍କର ଆଇଆର୍‌ସିଟିସି ଆକାଉଣ୍ଟ ଆଧାର ସହିତ ଲିଙ୍କ୍ ନ ହେଲେ ସଂରକ୍ଷିତ ଟିକଟ ବୁକ୍ କରିବାରେ ଅସୁବିଧାର ସମ୍ମୁଖୀନ ହେବେ। ଏହି ନିୟମ ଅନୁଯାୟୀ, ଯେଉଁମାନେ ସେମାନଙ୍କର ଆକାଉଣ୍ଟକୁ ଆଧାର ସହିତ ଲିଙ୍କ୍ କରନ୍ତି ନାହିଁ ସେମାନେ ସକାଳ ୮ଟାରୁ ଅପରାହ୍ନ ୧୨ଟା ମଧ୍ୟରେ ଟିକଟ୍ ବୁକ୍ କରିପାରିବେନାହିଁ। ଏହା ନକଲି ଆକାଉଣ୍ଟକୁ ରୋକିବା ଏବଂ ପ୍ରକୃତ ଯାତ୍ରୀମାନଙ୍କୁ ଟିକଟ୍ ସହଜରେ ପାଇବା ପାଇଁ ଉଦ୍ଦିଷ୍ଟ।

### ସାପ୍ତାହିକ କ୍ରେଡିଟ୍ ସ୍କୋର ଅପଡେଟ୍

ସିବିଲ୍ ଭଳି କ୍ରେଡିଟ୍ ବ୍ୟୁରୋକୁ ଏବେ ମାସିକ ପରିବର୍ତ୍ତେ ସାପ୍ତାହିକ ଆଧାରରେ ଡାଟା ଅପଡେଟ୍ କରିବାକୁ ବାଧ୍ୟତାମୂଳକ କରାଯାଇଛି। ଯଦି ଇଏମ୍‌ଆଇ କିମ୍ବା କ୍ରେଡିଟ୍ କାର୍ଡ ବିଲ୍ ପେମେଣ୍ଟରେ ଗୋଟିଏ ଦିନ ବି ବିଳମ୍ବ ହୁଏ, ତେବେ ଏହା ଆଗାମୀ କିଛି ଦିନ ମଧ୍ୟରେ ଆପଣଙ୍କ ସ୍କୋରରେ ପ୍ରତିଫଳିତ ହେବ। ପୂର୍ବରୁ, ଏଥିପାଇଁ ଆପଣଙ୍କ ପାଖରେ ଏକ ମାସ ସମୟ ଥିଲା। ତଥାପି, ଯେଉଁମାନେ ସମୟ ମଧ୍ୟରେ ପେମେଣ୍ଟ କରନ୍ତି ସେମାନେ ଏବେ ସେମାନଙ୍କର ସ୍କୋରରେ ଦ୍ରୁତ ଉନ୍ନତି ଦେଖିପାରିବେ।

### ଏଟିଏଫ୍ ମୂଲ୍ୟରେ ହ୍ରାସ

ତେଲ କମ୍ପାନୀଗୁଡ଼ିକ ଦିଲ୍ଲୀରେ ବିମାନ ଇନ୍ଧନ ବା ଏଟିଏଫ୍ ମୂଲ୍ୟରେ ପ୍ରତି କିଲୋଲିଟର ୯୨,୯୨୩ ଟଙ୍କା ହ୍ରାସ କରିଛନ୍ତି। ଏହା ଏୟାରଲାଇନ୍ସର ପରିଚାଳନା ଖର୍ଚ୍ଚ ହ୍ରାସ କରିବ ଏବଂ ବିମାନ ଭଡ଼ା ଶସ୍ତା ହେବାର ସମ୍ଭାବନା ବଢ଼ାଇଛି।

---

# ଡିସେମ୍ବରରେ ଜିଏସ୍‌ଟି ସଂଗ୍ରହ ୬% ବଢ଼ିଲା

**ନୂଆଦିଲ୍ଲୀ,୧।୧(ଏଜେନ୍ସି):** କେନ୍ଦ୍ର ସରକାର ଟିକସ କମାଇବା ସତ୍ତ୍ୱେ ବି ବଢ଼ିଲା ଦ୍ରବ୍ୟ ଏବଂ ସେବା ଟିକସ (ଜିଏସ୍‌ଟି) ସଂଗ୍ରହ । ୨୦୨୫ ଡିସେମ୍ବରରେ ଜିଏସ୍‌ଟି ସଂଗ୍ରହରେ ୬.୧% ବୃଦ୍ଧି ପାଇ ୧.୭୪ ଲକ୍ଷ କୋଟି ଟଙ୍କା ପାର୍ କରିଛି। ଜାନୁଆରୀ ୧ରେ ପ୍ରକାଶିତ ସରକାରୀ ତଥ୍ୟ ଅନୁଯାୟୀ, ୨୦୨୪ ଡିସେମ୍ବରରେ ଏହି ସଂଖ୍ୟା ୧.୬୪ ଲକ୍ଷ କୋଟି ଟଙ୍କା ଥିଲା। ସେପ୍ଟେମ୍ବରରେ ଟିକସ ହାର ହ୍ରାସ ସତ୍ତ୍ୱେ ଜିଏସ୍‌ଟି ସଂଗ୍ରହ ବଢ଼ିବା ଦେଶର ଅର୍ଥନୀତି ପାଇଁ ଶୁଭ ସଙ୍କେତ। ଡିସେମ୍ବର ତଥ୍ୟ ବିଶ୍ଳେଷଣ କଲେ ଜଣାପଡୁଛି ଯେ ବିଦେଶୀ ସାମଗ୍ରୀ ଆମଦାନୀରୁ ରାଜସ୍ୱ ୧୯.୭% ବୃଦ୍ଧି ପାଇଛି। ଆମଦାନୀ ବାବଦ ମୋଟ ଟିକସ ରାଜସ୍ୱ ୫୧,୯୭୭ କୋଟି ଆଦାୟ ହୋଇଛି। ତଥାପି, ଘରୋଇ କାରବାରରେ ଅଭିବୃଦ୍ଧି ମନ୍ଥର ହୋଇଛି। ଏହା ମାତ୍ର ୧.୨% ବୃଦ୍ଧି ପାଇ ୧.୨୨ ଲକ୍ଷ କୋଟି ଟଙ୍କାହୋଇଛି।

ଡିସେମ୍ବରରେ ରିଫଣ୍ଡ ୩୧% ବୃଦ୍ଧି ପାଇ ୨୮,୯୮୦ କୋଟି ଟଙ୍କାରେ ପହଞ୍ଚିଛି। ଯଦି ମୋଟ ସଂଗ୍ରହରୁ ରିଫଣ୍ଡକୁ ବାଦ ଦିଆଯାଏ, ତେବେ ସରକାରଙ୍କ ନେଟ୍ ଜିଏସ୍‌ଟି ରାଜସ୍ୱ ୧.୪୫ ଲକ୍ଷ କୋଟି ଟଙ୍କା ହୋଇଛି। ତେବେ ଡିସେମ୍ବରରେ ସେସ୍ କଲେକ୍ସନ ହ୍ରାସ ପାଇ ମାତ୍ର ୪,୨୩୮ କୋଟି ଟଙ୍କା ରହିଛି। ହେଲେ ବର୍ଷ ପୂର୍ବରୁ ଅର୍ଥାତ ୨୦୨୪ ଡିସେମ୍ବରରେ ସେସ୍ ସଂଗ୍ରହ ମୋଟ ୧୨,୦୦୩ କୋଟି ଟଙ୍କା ରହିଥିଲା। କାରଣ, ୨୦୨୫ ସେପ୍ଟେମ୍ବର ୨୨ରୁ ଲାଗୁ ହୋଇଥିବା ନୂଆ ନିୟମ ଅନୁଯାୟୀ, ସେସ୍ ବର୍ତ୍ତମାନ କେବଳ ତମାଖୁ ଏବଂ ସମ୍ପର୍କିତ ଉତ୍ପାଦ ଉପରେ ଲାଗୁ ହେଉଛି। ହେଲେ ପୂର୍ବରୁ ଏହା ବିଳାସପୂର୍ଣ୍ଣ ସାମଗ୍ରୀ ଏବଂ ସିନଗୁଡ୍ସ ଉପରେ ମଧ୍ୟ ଲାଗୁ

### କମିଲା ସେସ୍ ସଂଗ୍ରହ



କରାଯାଉଥିଲା। ଏହି ବର୍ଗରେ ମହଙ୍ଗା କାର ଏବଂ ମୃଦୁ ପାନୀୟ ଭଳି ସମାଗ୍ରୀ ଆସୁଥିଲା।

### ରାଜସ୍ୱ ଅଭିବୃଦ୍ଧିକୁ ମନ୍ଥର କରିଛି ଟିକସ ହ୍ରାସ

ଘରୋଇ ରାଜସ୍ୱରେ ହ୍ରାସର ମୁଖ୍ୟ କାରଣ ସେପ୍ଟେମ୍ବର ମାସରେ ଅନେକ ସାମଗ୍ରୀ ଉପରେ ଲାଗୁ ହୋଇଥିବା ଟିକସ ହ୍ରାସ ଯୋଗୁ ହୋଇଥିଲା। ସେପ୍ଟେମ୍ବରରେ, ସରକାର ପ୍ରାୟ ୩୭୫ଟି ସାମଗ୍ରୀ ଉପରେ ଜିଏସ୍‌ଟି ହାର ହ୍ରାସ କରିବା ପରେ ଘରୋଇ ଚାହିଦାରେ ଘଟିଥିଲା। ହେଲେ ଟିକସ ହାରରେ ହ୍ରାସ ଘରୋଇ ସ୍ତରରେ ରାଜସ୍ୱ ସଂଗ୍ରହର ଅଭିବୃଦ୍ଧିକୁ ପ୍ରଭାବିତ କରିଥିଲା।

---

## ବିଇଇ ଷ୍ଟାର ରେଟିଂ ନିୟମ ଲାଗୁ

# ଏସି, ଫ୍ରିଜ୍ , ଟିଭି ମୂଲ୍ୟ ୧୦% ବଢ଼ିବ

**ନୂଆଦିଲ୍ଲୀ,୧।୧(ଏଜେନ୍ସି):** ନୂତନ ବର୍ଷର ଆରମ୍ଭରୁ ଗ୍ରାହକଙ୍କୁ ଲାଗିବାକୁ ଯାଉଛି ବଡ଼ ଝଟ୍‌କା। କାରଣ ଆଗକୁ ଟିଭି, ରେଫ୍ରିଜରେଟର ଏବଂ ଏୟାର କଣ୍ଡିସନର ଭଳି ଇଲେକ୍‌ଟ୍ରୋନିକ୍ସ ସାମଗ୍ରୀଗୁଡିକର ମୂଲ୍ୟ ବୃଦ୍ଧି ପାଇବ। କାରଣ ଆଜିଠାରୁ ନୂତନ ବିଇଇ ରେଟିଂ କାର୍ଯ୍ୟକାରୀ ହୋଇଛି। ଜାନୁଆରୀ, ପହିଲାଠାରୁ ବ୍ୟୁରୋ ଅଫ୍ ଏନର୍ଜି ଏଫିସିଏନ୍ସି (ବିଇଇ) ଶକ୍ତି ସାମଶ୍ରୟତା ମାନଦଣ୍ଡକୁ କଠୋର କରିଛି। ଏହି ଅନୁଯାୟୀ, କମ୍ପାନୀଗୁଡ଼ିକୁ ଏଣିକି ଅଧିକ ଶକ୍ତି ସାଶ୍ରୟକାରୀ ଉତ୍ପାଦ ଉତ୍ପାଦନ କରିବାକୁ ପଡ଼ିବ। ନୂତନ ନିୟମ ଅନୁଯାୟୀ, ପୂର୍ବରୁ ପାଞ୍ଚ-ତାରା ବର୍ଗରେ ଥିବା ଏୟାର କଣ୍ଡିସନର ଏବଂ ରେଫ୍ରିଜରେଟରଗୁଡ଼ିକୁ ଏବେ ଚାରି-ତାରା ଭାବରେ ବିବେଚନା କରାଯିବ। ନୂତନ ୫ ଷ୍ଟାର ଟ୍ୟାଗ୍ ପାଇବା ପାଇଁ ଅଧିକ ଉନ୍ନତ ପ୍ରଯୁକ୍ତିବିଦ୍ୟା ସହିତ ଉପକରଣଗୁଡ଼ିକୁ ଉତ୍ପାଦନ କରିବାକୁ ପଡିବ। ଯଦିଓ ମୂଲ୍ୟ ବୃଦ୍ଧି ପାଇବ, ଏହା ଫଳରେ ବିଦ୍ୟୁତ୍ ବ୍ୟବହାର ହ୍ରାସ ପାଇବ, ଯାହା ଫଳରେ ବିଦ୍ୟୁତ୍ ବିଲ୍ ଉପରେ ଦୀର୍ଘକାଳୀନ ଆଶ୍ୱସ୍ତି ମିଳିବ। ବିଇଇ ଷ୍ଟାର ରେଟିଂ ନିୟମ ଲାଗୁ କରାଯିବା ପରେ ଜିଏସ୍‌ଟି ୨.୦ ହ୍ରାସ ଯୋଗୁ ଗ୍ରାହକ ପାଇଥିବା ଲାଗ ବେକାର ଯାଇଛି। କାରଣ ଚଳିତ ବର୍ଷ ସେପ୍ଟେମ୍ବରରେ ସରକାର ରୁମ୍ ଏସି ଉପରେ ଜିଏସ୍‌ଟି ୧୦% ହ୍ରାସ କରିଥିଲେ, ଯାହା ଗ୍ରାହକମାନଙ୍କୁ ଆଶ୍ୱସ୍ତି ଦେଇଥିଲା। ହେଲେ ଏବେ ଷ୍ଟାର ରେଟିଂରେ ପରିବର୍ତ୍ତନ ଏବଂ ମହଙ୍ଗା କଞ୍ଚାମାଲ ଯୋଗୁ ଯେଉଁ ମୂଲ୍ୟ ବୃଦ୍ଧି ହେବ ତାହା ଜିଏସ୍‌ଟି ପୂର୍ବର ମୂଲ୍ୟ ସହ ସମାନ ହୋଇଯିବ, ଦରକାର ପଡ଼ିଲେ ତା'ଠାରୁ ମହଙ୍ଗା ମଧ୍ୟ ହୋଇପାରେ। ତେଣୁ କେନ୍ଦ୍ର ସରକାରଙ୍କର ଜିଏସ୍‌ଟି କାଟର ଲାଭ ଗ୍ରାହକଙ୍କୁ ମିଳିପାରିବନାହିଁ।

### ବେକାର ଗଲା ଜିଏସ୍‌ଟି ୨.୦ ହ୍ରାସର ଲାଭ

### ୪ ତାରକା ଗଣନା ହେବ ପୂର୍ବର ୫ ଷ୍ଟାର ଏସି, ରେଫ୍ରିଜରେଟର୍

ନୂତନ ବିଇଇ ନିୟମ କମ୍ପାନୀଗୁଡ଼ିକର ଉତ୍ପାଦନ ଖର୍ଚ୍ଚ ବୃଦ୍ଧି କରିବ, ଯାହା ସିଧାସଳଖ ଗ୍ରାହକଙ୍କ ପକେଟକୁ ପ୍ରଭାବିତ କରିପାରେ। ରିପୋର୍ଟ ଅନୁଯାୟୀ, ଏୟାର କଣ୍ଡିସନର ଏବଂ ରେଫ୍ରିଜରେଟରର ମୂଲ୍ୟ ୫ରୁ ୧୦ ପ୍ରତିଶତ ବୃଦ୍ଧି ପାଇପାରେ। ଏହା ବ୍ୟତୀତ, ଡଲାର ତୁଳନାରେ ଟଙ୍କା ମୂଲ୍ୟରେ ହ୍ରାସ ଏବଂ ତମ୍ବା ଏବଂ ଅନ୍ୟାନ୍ୟ କଞ୍ଚାମାଲର ମୂଲ୍ୟ ବୃଦ୍ଧିକୁ ମଧ୍ୟ ମୂଲ୍ୟ ବୃଦ୍ଧିର ପ୍ରମୁଖ କାରଣ ଭାବରେ ବିବେଚନା କରାଯାଏ। ଏଠାରେ ସୂଚନାଯୋଗ୍ୟ ଯେ, ଗତ ବର୍ଷ ସେପ୍ଟେମ୍ବରରେ ଜିଏସ୍‌ଟିରେ ହ୍ରାସ ପରେଏସି ମୂଲ୍ୟ ପ୍ରାୟ ୧୦% ହ୍ରାସ ପାଇଥିଲା, ଯାହା ଗ୍ରାହକଙ୍କୁ କିଛି ଆଶ୍ୱସ୍ତି ଦେଇଥିଲା।

### ବିଇଇ ରେଟିଂ କ'ଣ?

ବିଇଇ ଷ୍ଟାର ରେଟିଂ ଯେ କୌଣସି ଇଲେକ୍ଟ୍ରୋନିକ୍ ଉପକରଣର ବିଦ୍ୟୁତ୍ ବ୍ୟବହାରକୁ ସୂଚିତ କରେ। ଏକ ତାରକା ବା ଷ୍ଟାର ଉତ୍ପାଦ ସର୍ବାଧିକ ଶକ୍ତି ବ୍ୟବହାର କରେ। ଯେତେବେଳେ ଏକ ପଞ୍ଚ ତାରକା ଉତ୍ପାଦ ସର୍ବାଧିକ ଶକ୍ତି-ଦକ୍ଷ। ତେଣୁ, ଗ୍ରାହକମାନଙ୍କୁ ଶକ୍ତି ସଞ୍ଚୟକୁ ଧ୍ୟାନରେ ରଖି ସଠିକ୍ ଉତ୍ପାଦ ବାଛିବାରେ ସାହାଯ୍ୟ କରିବା ପାଇଁ ଏହି ରେଟିଂ ଏସି, ରେଫ୍ରିଜରେଟର, ୱାଶିଂ ମେସିନ୍ ଏବଂ ଟିଭି ଭଳି ଉପକରଣଗୁଡ଼ିକୁ ଦିଆଯାଇଛି। ନୂତନ ପଞ୍ଚ ତାରକା ଏସି ଏବଂ ରେଫ୍ରିଜରେଟରଗୁଡ଼ିକ ପୁରୁଣା ୫ ଷ୍ଟାର ମଡେଲ ଅପେକ୍ଷା ଅଧିକ ଶକ୍ତି ସାଶ୍ରୟକାରୀ ହେବ। ଅନ୍ୟ ଅର୍ଥରେ କହିଲେ ୨୦୨୫ରେ ୫ ଷ୍ଟାର ଏସି ୨୦୨୬ରେ ୪ ଷ୍ଟାର ଭାବରେ ବିବେଚନା କରାଯିବ।

---

# ଡିସେମ୍ବରରେ ୟୁପିଆଇ କାରବାର ୨୯% ବଢ଼ିଲା

**ନୂଆଦିଲ୍ଲୀ,୧।୧(ଏଜେନ୍ସି):** ଦେଶର ସର୍ବବୃହତ ଡିଜିଟାଲ୍ ପେମେଣ୍ଟ ପ୍ଲାଟଫର୍ମ ୟୁପିଆଇ ପୁଣି ଥରେ ତାର ଶକ୍ତି ଦେଖାଇଛି। ନଭେମ୍ବରରେ ସାମାନ୍ୟ ହ୍ରାସ ପରେ ଡିସେମ୍ବରରେ ୟୁପିଆଇ କାରବାର ଦୃଢ଼ ପ୍ରଦର୍ଶନ କରିଛି। କାରବାର ପରିମାଣ ଏବଂ ମୂଲ୍ୟ ଉଭୟରେ ନୂତନ ରେକର୍ଡ ପ୍ରତିଷ୍ଠା ହୋଇଛି। ବର୍ଷର ଶେଷ ମାସରେ ବୃଦ୍ଧି ପାଇଥିବା ଖର୍ଚ୍ଚ ଡିଜିଟାଲ୍ ପେମେଣ୍ଟକୁ ନୂତନ ସ୍ତରକୁ ଠେଲିଦେଇଛି। ଭାରତୀୟ ଜାତୀୟ ପେମେଣ୍ଟ କର୍ପୋରେସନ୍ (ଏନ୍‌ପିସିଆଇ)ର ତଥ୍ୟ ଅନୁଯାୟୀ, ଡିସେମ୍ବରରେ ୟୁପିଆଇ ମାଧ୍ୟମରେ ୨୧.୬ ବିଲିୟନରୁ ଅଧିକ କାରବାର ପ୍ରକ୍ରିୟାକରଣ କରାଯାଇଥିଲା, ଯାହା ନଭେମ୍ବରଠାରୁ ଏକ ଗୁରୁତ୍ୱପୂର୍ଣ୍ଣ ବୃଦ୍ଧି। କାରବାରର ମୋଟ ମୂଲ୍ୟ ମଧ୍ୟ ପ୍ରାୟ ୨୮ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ପାଇଛି, ଯାହା ସର୍ବକାଳୀନ ସର୍ବାଧିକ। ଖ୍ରୀଷ୍ଟମାସ ଏବଂ ନୂତନ ବର୍ଷ ବିକ୍ରି, ଯାତ୍ରା ବୁକିଂ, ହୋଟେଲ, ଅନଲାଇନ୍ ସପିଂ ଏବଂ ଖୁଚୁରା ଖର୍ଚ୍ଚ ବୃଦ୍ଧି ପାଇଛି।

---

# ୨୦୨୬ରେ ସେନ୍‌ସେକ୍ସ ୧ ଲକ୍ଷ ଟପିବ

**ମୁମ୍ବାଇ,୧।୧(ଏଜେନ୍ସି):** ବିଏସ୍‌ଇ ବେଞ୍ଚମାର୍କ ସୂଚକାଙ୍କ ସେନ୍‌ସେକ୍ସ ୨୦୨୫ରେ ୭,୦୮୨ ପଏଣ୍ଟ କିମ୍ବା ୯.୧ % ବୃଦ୍ଧି ପାଇ ୮୫,୨୨୧ ପ ଏଣ୍ଟରେ କାରବାର ଶେଷ ହୋଇଥିଲା। ଏହି ସମୟ ମଧ୍ୟରେ, ସେନ୍ସେକ୍ସ ଏହାର କ୍ରମାଗତ ୧୦ମ କ୍ୟାଲେଣ୍ଡର ବର୍ଷର ଲାଭ ରେକର୍ଡ କରିଥିଲା, ଯାହା ଗତ ଦଶନ୍ଧିରେ ୨୨୬ ପ୍ରତିଶତ ବୃଦ୍ଧି ପାଇଛି। ୨୦୨୫ ରେ ସେନସେକ୍ସ ସର୍ବକାଳୀନ ସର୍ବୋଚ୍ଚ ୮୬,୧୫୯ ପଏଣ୍ଟରେ ପହଞ୍ଚିଥିଲା। ଏହା ବର୍ଷର ସର୍ବନିମ୍ନ ୭୧,୪୨୫ ପଏଣ୍ଟରୁ ୨୦.୬% ବୃଦ୍ଧିକୁ ପ୍ରତିନିଧିତ୍ୱ କରେ। ବର୍ଷ ମଧ୍ୟରେ ସେନସେକ୍ସ ଅସ୍ଥିରତା ଏବଂ ନେଟ୍ ରିଟର୍ଣ୍ଣ ଗତ ଦଶ ବର୍ଷର ହାରାହାରି ତୁଳନାରେ ଯଥାକ୍ରମେ ୩୧.୪ ପ୍ରତିଶତ ଏବଂ ୧୨.୮ ପ୍ରତିଶତ କମ୍ ଥିଲା। ବର୍ତ୍ତମାନ ସ୍ତରରେ ସେନସେକ୍ସ ୧୪,୭୭୯ ପଏଣ୍ଟ କିମ୍ବା ୧୭.୩ ପ୍ରତିଶତ, ଏହାର ୧ ଲକ୍ଷ ପଏଣ୍ଟ ପଛରେ ଅଛି। ଇତିହାସ ଦର୍ଶାଏ ଯେ ସେନସେକ୍ସ ଗତ ଦଶ ବର୍ଷରୁ ତିନି ବର୍ଷରେ ୧୮.୭ ପ୍ରତିଶତରୁ ଅଧିକ ଏବଂ ୫ ବର୍ଷରୁ ପାଞ୍ଚ ବର୍ଷରେ ୧୪ ପ୍ରତିଶତରୁ ଅଧିକ ଲାଭ କରିଛି।

---

## ବଳପୂର୍ବକ ସେବା ଶୁଳ୍କ ଆଦାୟ

# ରେସ୍ତୋରାଁ ଉପରେ ୫୦ ହଜାର ଜୋରିମାନା

**ନୂଆଦିଲ୍ଲୀ, ୧।୧ (ଏଜେନ୍ସି):** ସରକାର ଗ୍ରାହକଙ୍କଠାରୁ ବଳପୂର୍ବକ ସେବା ଶୁଳ୍କ ଆଦାୟ କରୁଥିବା ଅଭିଯୋଗଗୁଡ଼ିକୁ ନିଷେଧ କରିବା ପାଇଁ ଏକ ନିୟମ ଆଣିଛନ୍ତି। ତଥାପି, ରେସ୍ତୋରାଁଗୁଡ଼ିକ ନିୟମ ଅନୁପାଳନ କରୁନାହାଁନ୍ତି। ତେଣୁ ମୁମ୍ବାଇର 'ବୋରା ବୋରା' ସେସ୍ତୋରାଁଠାରୁ ଗ୍ରାହକଙ୍କଠୁ ବଳପୂର୍ବକ ସେବା ଶୁଳ୍କ ଆଦାୟ କରୁଥିବା ଅଭିଯୋଗରେ ୫୦,୦୦୦ ଟଙ୍କା ଜୋରିମାନା ଲାଗୁ କରିଛନ୍ତି। ଏହି ରେସ୍ତୋରାଁ ଚାଇନା ଗେଟ୍ ସେସ୍ତୋରାଁ ପ୍ରାଇଭେଟ୍ ଲିମିଟେଡ୍ ନାମକ ଏକ କମ୍ପାନୀ ଦ୍ୱାରା ପରିଚାଳିତ। ସେମାନେ ଗ୍ରାହକଙ୍କଠାରୁ ବଳପୂର୍ବକ ସେବା ଶୁଳ୍କ ଆଦାୟ କରୁଥିବା ଅଭିଯୋଗ ହୋଇଛି।

କେନ୍ଦ୍ରୀୟ ଗ୍ରାହକ ସୁରକ୍ଷା ପ୍ରାଧିକରଣ (ସିସିପିଏ) ଡିସେମ୍ବର ୨୯ରେ ଚାଇନା ଗେଟ୍ ରେସ୍ତୋରାଁ ପ୍ରାଇଭେଟ୍ ଲିମିଟେଡ୍ ଉପରେ ଜରିମାନା ଆଦେଶ ଦେଇଥିଲା। ସିସିପିଏ କହିଛି ଯେ ରେସ୍ତୋରାଁ ସ୍ୱୟଂଚାଳିତ ଭାବରେ ଗ୍ରାହକଙ୍କ ବିଲ୍‌ରେ ୧୦% ସେବା ଶୁଳ୍କ ଯୋଡୁଛି। ଏହା ବ୍ୟତୀତ, ଏହି ସେବା ଶୁଳ୍କ ଉପରେ ଜିଏସ୍‌ଟି ମଧ୍ୟ ଆଦାୟ କରାଯାଉଥିଲା। ଏହା ସମ୍ପୂର୍ଣ୍ଣ ଭୁଲ। କାରଣ ନିୟମ ସ୍ପଷ୍ଟ ଭାବରେ ଉଲ୍ଲେଖ କରେ ଯେ ସେବା ଶୁଳ୍କ ଦେବା ଗ୍ରାହକଙ୍କ ଉପରେ ନିର୍ଭର କରେ। ଏହାକୁ ସ୍ୱୟଂଚାଳିତ ଭାବରେ ବିଲ୍‌ରେ ଯୋଡା ଯାଇପାରିବନାହିଁ। ମୁମ୍ବାଇର ଜଣେ ଗ୍ରାହକଙ୍କ ଅଭିଯୋଗ ପରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଗ୍ରାହକ ଜଣକ ଜାତୀୟ ଗ୍ରାହକ ହେଲ୍ପଲାଇନ୍ ମାଧ୍ୟମରେ ଏକ ଅଭିଯୋଗ ଦାଖଲ କରିଥିଲେ। ଅଭିଯୋଗରେ ଉଲ୍ଲେଖ କରାଯାଇଛି ଯେ 'ବୋରା ବୋରା' ରେସ୍ତୋରାଁ ବିଲ୍‌ରୁ ସେବା ଶୁଳ୍କ ହଟାଇବାକୁ ମନା କରିଥିଲା। ଯେତେବେଳେ ଗ୍ରାହକ ଏହି ପ୍ରସଙ୍ଗ ଉଠାଇଥିଲେ, ରେସ୍ତୋରାଁ କର୍ମଚାରୀମାନେ ଅଭଦ୍ର ବ୍ୟବହାର କରିଥିଲେ।

ସିସିପିଏ କହିଛି ଯେ ଦିଲ୍ଲୀ ହାଇକୋର୍ଟ ୨୦୨୫ ମାର୍ଚ୍ଚ ୨୮ରେ ଏକ ରାୟରେ ସ୍ପଷ୍ଟ ଭାବରେ କହିଥିଲେ ଯେ ବାଧ୍ୟତାମୂଳକ ସେବା ଶୁଳ୍କ ଆଦାୟ କରିବା ବେଆଇନ। ଏହି ରାୟ ଜାତୀୟ ରେସ୍ତୋରାଁ ସଂଘ ବନାମ ଭାରତୀୟ ସଂଘ ମାମଲାରେ ଆସିଥିଲା। ହାଇକୋର୍ଟ ମଧ୍ୟ ସିସିପିଏ ନିର୍ଦ୍ଦେଶାବଳୀକୁ ସମର୍ଥନ କରିଥିଲେ। ଏହା ସତ୍ତ୍ୱେ, ରେସ୍ତୋରାଁଗୁଡିକ ସ୍ୱୟଂଚାଳିତ ଭାବରେ ଏହାର ବିଲିଂ ସିଷ୍ଟମରେ ସେବା ଶୁଳ୍କ ଯୋଡିଚାଲିଛନ୍ତି। ସିସିପିଏର ମହାନିର୍ଦ୍ଦେଶକ (ତଦନ୍ତ) ତଦନ୍ତ କରି ଜାଣିପାରିଲେ ଯେ ୨୮ ମାର୍ଚ୍ଚରୁ ୩୦ ଏପ୍ରିଲ୍ ପର୍ଯ୍ୟନ୍ତ ସମସ୍ତ ବିଲ୍‌ରେ ସ୍ୱୟଂଚାଳିତ ଭାବରେ ଏକ ସେବା ଶୁଳ୍କ ଯୋଡା ଯାଇଥିଲା। ଏହା ସ୍ପଷ୍ଟ କରିଥିଲା ଯେ ଏହି ଶୁଳ୍କ ଗ୍ରାହକଙ୍କ ଇଚ୍ଛା ଅନୁସାରେ ନୁହେଁ, ସମସ୍ତଙ୍କ ପାଇଁ ଲାଗୁ ହେଉଥିଲା। ତଦନ୍ତରେ ଏହା ମଧ୍ୟ ଜଣାପଡ଼ିଲା ଯେ ରେସ୍ତୋରାଁ ଗ୍ରାହକଙ୍କ ଅଭିଯୋଗକୁ ଅଣଦେଖା କରିଥିଲା ଏବଂ ଅନେକ ନୋଟିସ୍ ପାଇବା ସତ୍ତ୍ୱେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିଲା। ସେବା ଶୁଳ୍କ ଉପରେ ଜିଏସ୍‌ଟି ଆଦାୟ କରିବା ନିୟମ ବିରୁଦ୍ଧରେ ଥିଲା।

